# ‘ଜୁଭେଣ୍ଟିକା’ ଅଭିଯାନ: କିଶୋରୀଙ୍କୁ ସୁରକ୍ଷାର ମନ୍ତ୍ର







ଯଖପୁରା/ଦାନଗଦି,୮।୫(ସମିସ): କଳିଙ୍ଗନଗରଶିଳ୍ପାଞ୍ଚଳରେ କିଶୋର-କିଶୋରୀଙ୍କୁ ସୁରକ୍ଷିତ ଓ ସଚେତନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଓଡ଼ିଶା ପୁଲିସର "କ୍ରାଇମ ଏଗେନଷ୍ଟ ୱମେନ୍ ଆଣ୍ଡ ଚିଲ୍ଡ୍ରେନ୍ ୱିଂ' ଏବଂ ୟୁନିସେଫର ମିଳିତ ସହଯୋଗରେ ଆଜି କଳିଙ୍ଗନଗର, ଯଖପୁରା ଓ ଟମକା ଥାନା ପରିସରରେ ‘ଜୁଭେଣ୍ଟିକା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଯଖପୁରା ଓ କଳିଙ୍ଗନଗର ଥାନାରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଯଖପୁରା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଏବଂ ଟମକା ଥାନା ଅଧିକାରିଣୀ ବିନତୀ ଦାସ ନିଜ ନିଜ ଥାନା ଅଞ୍ଚଳରେ କିଶୋରୀ ଓ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀମାନଙ୍କୁ ନେଇ ସଚେତନତା ସଭା ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ମତ ଦେଇଥିଲେ ଯେ, ପୁଲିସ କେବଳ ଦଣ୍ଡଦାତା ନୁହେଁ, ବରଂ ସମାଜର ଜଣେ ବନ୍ଧୁ। ଶିଶୁମାନେ ଯେପରି ଭୟ ନକରି ଥାନାକୁ ଆସିପାରିବେ ଏବଂ ନିଜର ସମସ୍ୟା ଜଣାଇପାରିବେ, ସେଥିପାଇଁ "ଶିଶୁ-ବନ୍ଧବ' ପରିବେଶ ସୃଷ୍ଟି କରିବା ଏବଂ ପୁଲିସ-ସମୁଦାୟ ମଧ୍ୟରେ ବିଶ୍ୱାସର ସେତୁ ଗଢ଼ିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଅଧିକାରୀମାନେ କହିଥିଲେ।

**କର୍ଯ୍ୟାଁଗୋଲା:** ଡିଜିଟାଲ ଯୁଗରେ ସାଇବର ଅପରାଧରୁ ସୁରକ୍ଷା ପାଇଁ କିଶୋରୀ ବାଳକ ଓ ବାଳିକାମାନଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ମଙ୍ଗଳପୁର ଥାନା ପରିସରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫ଟି ଅଙ୍ଗନବାଡି କେନ୍ଦ୍ର କର୍ମୀ ଏବଂ ସ୍ଥାନୀୟ ସ୍କୁଲ ଓ କଲେଜର ବହୁ କିଶୋରୀ ବାଳକ ଓ ବାଳିକା ଯୋଗ ଦେଇଥିଲେ। ରଡ଼ଗାଁ, ଶ୍ରୀରାମପୁର, ବଜାରାପାଟ, ମଧୁପୁର ଗ୍ରାମର ୨୫ଜଣ କିଶୋରୀ ବାଳକ ବାଳିକା ଯୋଗ ଦେଇଥିଲେ। ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ପିଲାମାନଙ୍କୁ ସ୍ୱାଗତ କରିବା ସହ ସାଇବର ଠକେଇ, ଅନ୍‌ଲାଇନ୍ ହଇରାଣି, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ଏବଂ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇଥିଲେ। ମଙ୍ଗଳପୁର ଥାନା ଏସଆଇ ଅନିତା ପ୍ରଧାନ ଏଏସଆଇ ସଂଯୁକ୍ତା ପଣ୍ଡା କିଶୋରୀ ବାଳକ ଓ ବାଳିକାମାନଙ୍କୁ ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କ ସହ ଚାଟିଂ କିମ୍ବା ବ୍ୟକ୍ତିଗତ ଫଟୋ ସେୟାର କରିବା ବିପଜ୍ଜନକ ହୋଇପାରେ। କୌଣସି ସନ୍ଦେହଜନକ ଲିଙ୍କ୍ କିମ୍ବା ମେସେଜ ଆସିଲେ ତାହାକୁ କ୍ଲିକ କରନ୍ତୁ ନାହିଁ ଏବଂ ତୁରନ୍ତ ପରିବାର କିମ୍ବା ପୁଲିସକୁ ଜଣାନ୍ତୁ ବୋଲି କହିଥିଲେ। ସାଇବର ସୁରକ୍ଷା ହେଲ୍ପଲାଇନ ନମ୍ବର ୧୯୩୦ ଏବଂ ମହିଳା ହେଲ୍ପଲାଇନ ୧୮୧ ସମ୍ବନ୍ଧରେ ମଧ ବାଳିକାମାନଙ୍କୁ ସୂଚନା ଦିଆଯାଇଥିଲା। ଏହା ସହିତ ସାଇବର ଠକେଇର ଶିକାର ହେଲେ କିପରି




ଅଭିଯୋଗ କରିବେ ସେ ନେଇ ପୁଲିସ ପକ୍ଷରୁ ଡେମୋ ମଧ ଦେଖାଯାଇଥିଲା। ଏହି ସଚେତନା କାର୍ଯ୍ୟକ୍ରମରେ ଏଏସ୍ଆଇ ଜଟାଧାରୀ ଦାସ, ଘନଶ୍ୟାମ ନାୟକ, ପ୍ଲାବନ ମହାପାତ୍ର ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ଥାନା ପକ୍ଷରୁ ସମାଜରେ କିଶୋର ଓ କିଶୋରୀମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ‘ଜୁଭେଣ୍ଟିକା’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥାନା ପରିସରରେ ଆୟୋଜିତ ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଅଙ୍ଗନବାଡ଼ି କର୍ମୀ ଓ ପୁଲିସ କର୍ମଚାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଅଧ୍ୟକ୍ଷତା କରିଥିଲେ। ‘ଜୁଭେଣ୍ଟିକା’ ମାଧ୍ୟମରେ ଯୁବପିଢ଼ିଙ୍କ ମନରେ ନୈତିକ ମୂଲ୍ୟବୋଧ, ଶୃଙ୍ଖଳା ଓ ସମାଜ ପ୍ରତି ଦାୟିତ୍ୱବୋଧ ଜଗାଇବାକୁ ପ୍ରୟାସ କରାଯାଉଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ମୋବାଇଲ ଓ ସୋସିଆଲ ମିଡିଆର ସଠିକ ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଆଇଆଇସି ପାର୍ବତୀ ମଲ୍ଲିକ କିଶୋର କିଶୋରୀମାନଙ୍କୁ ଥାନା ପରିସର ପରିଦର୍ଶନ କରାଇବା ସହ ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍‌ଲାଇନ୍ ଜରିଆରେ ପୁଲିସ ଡିଜିପି ଶୁଭ ଉଦ୍‌ଘାଟନ କରିଥିବା ବେଳେ ବିଞ୍ଝାରପୁର ଥାନା ପୁଲିସ ପକ୍ଷରୁ ସମସ୍ତ ପୁଲିସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦଶରଥପୁର:** ଦଶରଥପୁର ଥାନା ପକ୍ଷରୁ ମହିଳା ଓ ଶିଶୁ ଅପରାଧ ନିରାକରଣ ସମ୍ପର୍କିତ ଜୁଭେଣ୍ଟିକା ସଚେତନତା ଓ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ଥାନା ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଜୁଭେଣ୍ଟିକା ମାଧ୍ୟମରେ ଶିଶୁ ଓ କିଶୋରୀମାନଙ୍କ ପାଇଁ ପୁଲିସ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଓ ବନ୍ଧୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଥାନାର ଏସ୍ଆଇ ଦୁଷ୍ମନ୍ତ ଦାସ, ଏଏସ୍ଆଇ ଅଶୋକ କୁମାର ବେହେରା, ପ୍ରଭାତ କୁମାର ଲେଙ୍କା, କର୍ମଚାରୀ ଜୟନ୍ତ ଦାସ, ଦେବାଶିଷ ଗିରି, ରଶ୍ମିତା ତରାଇ ଓ ଅନ୍ୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଆଇସିଡିଏସ ଦଶରଥପୁର ସେକ୍ଟରର ସୁପରଭାଇଜର ରୋଜାଲିନି ପୁହାଣ, ଅଙ୍ଗନବାଡି କର୍ମୀ ସସ୍ମିତା ପାଣିଗ୍ରାହୀ, ଶକୁନ୍ତଳା ମଲ୍ଲିକ, ପ୍ରମିଳା ସାହୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଦମୟନ୍ତୀପ୍ରଭା




ସାହୁ ଓ ବହୁ ସଂଖ୍ୟାରେ କିଶୋରୀ ଅଂଶଗ୍ରହଣ କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ଥାନା ପରିସରରେ ଆଜି ପୁଲିସ ପକ୍ଷରୁ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପୁଲିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଉପସ୍ଥିତ ରହି ସାଇବର ସଚେତନତା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଓଡିଶା ପୁଲିସ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଭିଡିଓ କନଫରେନସିଂ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସାମ୍ବାଦିକ, କଲେଜ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଥାନାର ଏସଆଇ, ଏଏସ୍ଆଇ ଓ କନଷ୍ଟେବଳ ସହାୟତା କରିଥିଲେ।

**ପାଣିକୋଇଲି:** ପାଣିକୋଇଲି ଥାନା ପରିସରରେ ଆଜି ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରତିକାନ୍ତ ଗିରି ଯୋଗଦେଇଥିଲେ। ମହିଳା ଓ ଶିଶୁ ମାନଙ୍କ ପ୍ରତି ବଢୁଥିବା ଅପରାଧ ପାଇଁ ସଚେତନତା ସୃଷ୍ଟି ଏହାର ମୂଳଲକ୍ଷ୍ୟ ଅଟେ। ସାଇବର ଅପରାଧକୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ସଚେତତା କରାଯାଇଥିଲା। ଭର୍ଚ୍ୟୁଆଲ ମାଧ୍ୟମରେ ରାଜ୍ୟ ପୁଲିସ ମୁଖ୍ୟାଳୟ ପୂର୍ବରୁ ସଚେତନ କରାଯାଇଥିଲା। ଅଙ୍ଗନବାଡି କର୍ମୀ ଓ ନାବାଳିକାମାନଙ୍କୁ ଏହି ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ବୁଦ୍ଧିଜୀବୀ ଓ ସମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସ, ସୁମିତ କୁଜୁର, ମିନତୀ ବେହେରା, ଏଏସଆଇ ନିର୍ମଳ ଚୌଧୁରୀ, ସୋମାନାଥ ରାଉତ, ହାବିଲଦାର ସୁଲୋଚନ ବେହେରା, ରାଜପଥ ପାଟ୍ରଲିଂ ଅଧିକାରୀ ଅଶୋକ ବଳ ସମେତ ସମସ୍ତ ଅଧିକାରୀ/ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଥିଲେ।



## ମାଟ୍ରିକ ଜିଲ୍ଲା ଦ୍ୱିତୀୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ପାଣିକୋଇଲି,୮।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ଦ୍ୱିତୀୟ ଟପ୍ପର ହୋଇଛନ୍ତି ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତର ପିଏମ୍‌ଶ୍ରୀ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱଙ୍ଗଶ୍ରୀ ମହାପାତ୍ର। ସେ ୫୬୯ ନମ୍ବର ରଖି ଦ୍ୱିତୀୟ ହୋଇଛନ୍ତି। ସେ ସ୍ଥାନୀୟ ନାଥସାହି ଗ୍ରାମର ମାନସ ମହାପାତ୍ରଙ୍କ ଝିଅ ଅଟନ୍ତି। ଯାଜପୁର ବିଧାୟିକା ସୁଜାତା ସାହୁ ତାଙ୍କ ବାସଭବନରେ ପହଞ୍ଚି ପରିବାରଙ୍କ ଉପସ୍ଥିତିରେ ସ୍ୱଙ୍ଗଶ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଧାୟିକାଙ୍କ ସହିତ ନାଥସାହି ସରପଞ୍ଚ ସସ୍ମିତା ପହୀ, ଭୁବନେଶ୍ୱରପୁର ପଞ୍ଚାୟତ ସରପଞ୍ଚ ମାନିଦୀପା ରାୟ, ସମିତିସଭ୍ୟା ଜୟପ୍ରଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଞ୍ଝାରପୁରରେ ବଢୁଛି ବିଜେପି ଗୋଷ୍ଠୀ କନ୍ଦଳ ବିଡିଓଙ୍କୁ ଭେଟିଲେ ଜିଲ୍ଲା ଉପସଭାନେତ୍ରୀ

ବିଞ୍ଝାରପୁର,୮।୫(ସମିସ): ବିଞ୍ଝାରପୁର ନିର୍ବାଚନ ମଣ୍ଡଳିରେ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିବା କଥା ଆଲୋଚନା ହେଉଛି। ଏଠାରେ ବିଜେପି ନେତ୍ରୀ ପରାଜିତ ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକଙ୍କୁ ଚେକ୍ ଦେବାକୁ ଆଉ କିଛି ନେତ୍ରୀ ଆଗକୁ ଆସିଛନ୍ତି। ବବିତା ସାଧାରଣ ଲୋକମାନଙ୍କ ସମସ୍ୟା ବୁଝୁନଥିବା କଥା ସେମାନେ କହିବା ସହ ବ୍ଲକରେ ପଶି ବିଭିନ୍ନ ସରକାରୀ କାର୍ଯ୍ୟ ସଂପର୍କରେ ଆଲୋଚନା କରିଛନ୍ତି।



ଆଜି ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ବିଜେପିର ଉପସଭାନେତ୍ରୀ ପ୍ରଭାତୀ ସାହୁଙ୍କ ନେତୃତ୍ୱରେ ବ୍ଲକ ବିଜେପିର ଛାମୁଆ କର୍ମକର୍ତ୍ତା ବିଡିଓ ଆକାଶ ପଟ୍ଟନାୟକଙ୍କୁ ଭେଟି ବ୍ଲକରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ବିକଶିତ ଗ୍ରାମ ବିକଶିତ ଓଡ଼ିଶା, ଖାଦ୍ୟ ସୁରକ୍ଷା ଯୋଜନା, ଭତ୍ତା ବଣ୍ଟନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସ୍ୱଚ୍ଛ ଭାରତ ମିଶନ ଭଳି ଲୋକମୁଖୀ ଯୋଜନାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବିଡିଓଙ୍କ ନିକଟରୁ ବୁଝିବା ସହିତ ଉକ୍ତ ଯୋଜନାଗୁଡିକର ସଠିକ୍ ରୂପାୟନ ସହ ସରକାରୀ ସୁବିଧା ସୁଚାରୁ ଭାବେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା ନେଇ ମଧ ଆଲୋଚନା ହୋଇଥିଲେ। ଆଲୋଚନା ସମୟରେ ବ୍ଲକରେ ଅନ୍ୟ ଏକ ବିଜେପି ଗୋଷ୍ଠୀ ଲୋକଙ୍କ ସହିତ କୌଣସି ପରାମର୍ଶ ନ କରି ନିଜ ଇଚ୍ଛାମତେ କାର୍ଯ୍ୟ କରୁଥିବା ବିଡିଓଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଏହି ଆଲୋଚନା ସମୟରେ ବିଜେପି ଜିଲ୍ଲା ଉପସଭାନେତ୍ରୀ ପ୍ରଭାତୀ ସାହୁଙ୍କ ସହିତ ବରିଷ୍ଠ ନେତା ରଣପୁରର ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ପୂର୍ବତନ ହଳଦୀଡିହ ସରପଞ୍ଚ ଜଜେୟ କୁମାର ବେହେରା, ପୂର୍ବତନ ଜରୀ ସରପଞ୍ଚ ଭୁବନାନନ୍ଦ ସାମଲ, ପୂର୍ବତନ ଗୁହାଳୀ ସରପଞ୍ଚ ରବୀନ୍ଦ୍ର ଧଳ, ପୂର୍ବତନ ଚନ୍ଦ୍ରମୁଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବିରଞ୍ଚି ନାୟକଙ୍କ ସମେତଙ୍କ ସହ ବହୁ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଘଟଣା ପରେ ବିଞ୍ଝାରପୁର ବ୍ଲକ ବିଜେପିର ଗୋଷ୍ଠୀ କନ୍ଦଳକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉ କି ଗତ କିଛି ଦିନ ଜିଲ୍ଲା ଉପସଭାନେତ୍ରୀ ଶ୍ରୀମତୀ ସାହୁଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠି ବନ୍ଧୁମିଳନ ଆଳରେ ଫତେପୁର ସ୍ଥିତ ସୋନୀମଣ୍ଡପ ଠାରେ ଏକ ବୈଠକ କରିଥିଲେ।

## ନାବାଳିକାକୁ ଅସଦାଚରଣ; ଜଣେ ଗିରଫ

ପାଣିକୋଇଲି,୮।୫(ସମିସ): ନାବାଳିକା ଅସଦାଚରଣ ଅଭିଯୁକ୍ତକୁ ପାଣିକୋଇଲି ପୁଲିସ ଆଜି ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପାଟସାହିରେ ଜଣେ ୮ବର୍ଷୀୟା



ନାବାଳିକାକୁ ଅସାଦଚରଣ ହୋଇଥିବା ଅଭିଯୋଗ ଥାନାରେ କରାଯାଇଥିଲା। ଏନେଇ ଏକ ମାମଲା ୧୫୬/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ପ୍ରକାଶଯେ ପାଣିକୋଇଲି ପାଟସାହିର ଜଣେ ବୃଦ୍ଧାଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅର ଝିଅ ଅର୍ଥାତ ନାତୁଣୀ ଘରେ ଥିବା ବେଳେ ସେ ପାଣି ପାଇଁ ବାହାରକୁ ଯାଇଥିଲେ। ଏହାର ସୁଯୋଗରେ ହାଣ୍ଡିଆ ପିଇବାକୁ ଯାଇଥିବା ଅଳତିରି ଗ୍ରାମର ଗଣେଶ ଓରଫ ବଟିଆ ମାଝୀ (୪୮) ଘରେ ପଶି ନାତୁଣୀକୁ ଅସଦାଚରଣ କରିଥିଲା। ବୃଦ୍ଧା ଘରେ ପହଞ୍ଚିବାରୁ ନାତୁଣୀ କାନ୍ଦି ସବୁ କଥା କହିଥିଲା। ଏ ନେଇ ସେମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲା। ଶେଷରେ ପୁଲିସ ବଟିଆକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଆଜି ବଟିଆକୁ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁର ସୂଚନା ଦେଇଛନ୍ତି।

## ବଗିରିଆ ପ୍ୟାକ୍ସରେ ସମ୍ପାଦକଙ୍କୁ ଥଇଥାନ ଘଟଣାରେ ତଦନ୍ତ ଆରମ୍ଭ

ପାଣିକୋଇଲି,୮।୫(ସମିସ): କୋରେଇ ବ୍ଲକ୍ ଅମୃତିଆ ପଞ୍ଚାୟତସ୍ଥିତ ବଗିରିଆ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ସମ୍ପାଦକ ବେଆଇନ୍ ଭାବେ ନିଜ ପୁଅକୁ ଥଇଥାନ କରିବା ଅଭିଯୋଗ ପରେ ଆଜି ଜିଲ୍ଲା ସମବାୟ ବିଭାଗ ତଦନ୍ତ ଆରମ୍ଭ କରିଛି। ସମ୍ପାଦକ ସୁଦର୍ଶନ ମଲ୍ଲିକ ଗତ ଏପ୍ରିଲ ୩୦ ତାରିଖ ଅବସର ନେବା ପରେ ବରୁଣ୍ଡାଇ ସମ୍ପାଦକ କାହ୍ନୁଚରଣ ବେହେରାଙ୍କ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ହେଲେ ପୂର୍ବ ସମ୍ପାଦକ ଶ୍ରୀ ମଲ୍ଲିକ ଅବଧି ୮ଦିନ ବିତିଯାଇଥିଲେ ମଧ ଅବଧି ଚାର୍ଯ୍ୟ ଦେଇନଥିବାରୁ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଯୁଗ୍ମ ରେଜିଷ୍ଟ୍ରର ଆରସିଏସ୍ ରୁଦ୍ର ପ୍ରସାଦ ଦାଶ, ଡିଆର୍‌ସିଏସ୍ ଅଭିମନ୍ୟୁ ସେଠୀ, ଯୋଗାଣ ବିଭାଗ କୋରେଇ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର କର ଆଜି ସକାଳେ ବଗିରିଆ ପ୍ୟାକ୍ସରେ ପହଞ୍ଚି ସମସ୍ତ କାଗଜପତ୍ରର ଯାଞ୍ଚ ପାଇଁ ମାଗିବା ସହିତ ଡାଇରେକ୍ଟର ମାନଙ୍କ ସହିତ ଆଲୋଚନା କରିଥିଲେ। ବଗିରିଆ ପ୍ୟାକ୍ସର ସମ୍ପାଦକ ଭାବେ ସୁଦର୍ଶନ ମଲ୍ଲିକ କାର୍ଯ୍ୟରତ ଥିବାବେଳେ ଅବସର ଗ୍ରହଣ କରିବାର ବହୁଦିନ ପୂର୍ବରୁ ତାଙ୍କ ପୁଅ ଦେବାଶିଷଙ୍କ ପ୍ୟାକ୍ସର ସହସମ୍ପାଦକ ଭାବେ କାମରେ ନିଯୋଜିତ କରିଥିବାର କିଛି ବୋର୍ଡ ସଭ୍ୟ ଏବଂ ଚାଷୀ ସମବାୟ ସମିତିର ଉପନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିଲେ।



ଏହାପରେ ଆଜି ତଦନ୍ତ ହୋଇଥିବା ବେଳେ ବିନା ସରକାରୀ ନିର୍ଦ୍ଦେଶରେ ପୁଅ ଦେବାଶିଷ କିପରି ପ୍ୟାକ୍ସରେ ସରକାରୀ କାମ କରୁଥିଲେ ସେନେଇ ମଧ ପ୍ରଶ୍ନ ଉଠିଥିଲା। ସମ୍ପାଦକ ଶ୍ରୀ ମଲ୍ଲିକ ସମ୍ପାଦକ ଥିବା ସମୟରେ ପ୍ୟାକ୍ସରେ ବହୁ ଆର୍ଥିକ ଅନିୟମିତତା ହୋଇଥିବା ବେଳେ ତାଙ୍କ ଅବସର ପରେ ନିଜ ପୁଅକୁ ଥଇଥାନ କରି ସେ ଦୁର୍ନୀତିକୁ ଘୋଡ଼ାଇବାକୁ ପ୍ରୟାସ କରୁଥିବାର କିଛି ଚାଷୀ ଏବଂ ବୋର୍ଡ ସଭ୍ୟ ଅଭିଯୋଗ କରିଥିଲେ। ଉପସଭାପତି ନିରୁପମା ମହାପାତ୍ର, ସଭ୍ୟ ଅଶୋକ କୁମାର ସାହୁ, ନଟବର ମହାପାତ୍ର, ପଣୟ ମହାପାତ୍ର ପ୍ରମୁଖ ଅଭିଯୋଗ ଆଣିଥିଲେ। ଏନେଇ ତଦନ୍ତ ସମ୍ପୂର୍ଣ୍ଣ ପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସୂଚନା ଦେଇଥିଲେ।

## ଟ୍ରେଲର ଧକ୍କାରେ ମହିଳାଙ୍କ ମୃତ୍ୟୁ

● ପୁବଳ ଛକରେ ଉତ୍ତେଜନା

ସୁକିନ୍ଦା,୮।୫(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପୁବଳ ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ୫୩ ନଂ. ଜାତୀୟ ରାଜପଥରେ ଟ୍ରେଲର ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତା ମହିଳା ପୁବଳ ଗ୍ରାମର ହରିହର ମୁଣ୍ଡାଙ୍କ ପତ୍ନୀ ସୁମି ମୁଣ୍ଡା ବୋଲି ଜଣାପଡିଛି। ମହିଳା ଜଣକ ଜାତୀୟ ରାଜପଥ କଡରେ ଥିବା ତାଙ୍କ ନିଜ ଘର ସାମ୍ନାରେ ଛିଡା ହୋଇଥିବା ସମୟରେ ହଠାତ ଏକ ୧୮ ଚକିଆ ଟ୍ରେଲର ଗାଡି ସେହିଠାରେ ହିଁ ମହିଳାଙ୍କ ଉପରେ ଓଲଟି ପଡିଥିଲା। ତେବେ ଟ୍ରେଲର ଓଲଟିବା ଦ୍ୱାରା ମହିଳା ଜଣକ ଟ୍ରେଲର ତଳେ ଚାପିହୋଇ ରହିଥିଲେ। ହାଇଡ୍ରା ଓ ପ୍ରୋକ୍ଲେନ ସହାୟତାରେ ଟ୍ରେଲରକୁ ଉଠାଇବା ସହିତ ତଳେ ଚାପିହୋଇ ରହିଥିବା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେପଟେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ବେଗ ନିୟନ୍ତ୍ରଣ ଓ ସ୍ପୀଡ୍ ବ୍ରେକର ନଥିବାରୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଥିଲେ। ସ୍ଥାନୀୟ ତହସିଲଦାର ଓ ସୁକିନ୍ଦା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଏହାର ପ୍ରତିକାର କରିବାକୁ ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିବା ଜଣାପଡିଛି। ସେପଟେ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ମୃତକ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଥିବା ଜଣାପଡିଛି।

